# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 02 November – 2025

**********************************

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଆଜି ସନ୍ଧ୍ୟାରେ ଉତ୍କ୍ଷେପଣ କରାଯିବ 'ଯୋଗାଯୋଗ ଉପଗ୍ରହ ସିଏମ୍ଏସ୍-୦୩'
- ନବଜାତ ଏବଂ ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି, କହିଲେ ରାଜ୍ୟପାଳ
- ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ଆରମ୍ଭ ହେଲା ପଞ୍ଚୁକ ବ୍ରତ

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି କ୍ରିକେଟ୍‌ରେ ଆନ୍ଧ୍ରପ୍ରଦେଶର ବ୍ୟାଟିଂ ଜାରି

# ଇସ୍ରୋ-ସିଏମ୍ଏସ୍-୦୩

ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାବନ ମହାକାଶ କେନ୍ଦ୍ରରୁ ଭାରତର ଭାରି ଯୋଗାଯୋଗ ଉପଗ୍ରହ ସିଏମ୍ଏସ୍-୦୩ (ଜିସାଟ୍-୭ଆର୍)ର ଉତ୍କ୍ଷେପଣ  କରିବ । ନୌସେନାର ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଡିଜିଟାଲ୍ ସଂଯୋଗୀକରଣର ସଂପ୍ରସାରଣ ଏହି ଅଭିଯାନର ଲକ୍ଷ୍ୟ ରହିଛି ।  ସିଏମ୍ଏସ୍-୦୩କୁ ଭାରତର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏଲ୍.ଭି.ଏମ୍.-୩ ଲଞ୍ଚରରୁ ଉତ୍କ୍ଷେପଣ କରାଯିବ । ଏହି ଉପଗ୍ରହ ଏକ ବହୁମୁଖୀ ସାମରିକ ଯୋଗାଯୋଗ ପ୍ରଣାଳୀ, ଯାହା ଭଏସ୍, ଡାଟା ଏବଂ ଭିଡିଓ ଲିଙ୍କ୍ ପାଇଁ ଟ୍ରାନ୍ସପଣ୍ଡର ବହନ କରେ ।

## ରାଜ୍ୟପାଳ

ପ୍ରତ୍ୟେକ ନବଜାତକଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ଦେବା ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ମିଳନୀରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ସ୍ୱାସ୍ଥ୍ୟ, ବୁଦ୍ଧି ଏବଂ ଜୀବନଶକ୍ତି ଭବିଷ୍ୟତ ନାଗରିକମାନଙ୍କୁ ଦିଆଯାଉଥିବା ପୁଷ୍ଟି ଓ ଯତ୍ନରେ ଜଡିତ ରହିଥାଏ। ଗର୍ଭଧାରଣରୁ ଆରମ୍ଭ କରି ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ ଜୀବନର ପ୍ରଥମ ୧ ହଜାର ଦିନ ଶାରୀରିକ ଓ ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

ସମୟକୁ ପ୍ରତିନିଧିତ୍ୱ କରେ ବୋଲି ଶ୍ରୀ କମ୍ଭମପାଟି କହିଛନ୍ତି । ନବଜାତ ଏବଂ ଶିଶୁମୃତ୍ୟୁହାର ହ୍ରାସ କରିବାରେ ଦେଶ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବର୍ତ୍ତମାନ ସମୟରେ ଅନେକଗୁଡ଼ିକ ସାମାଜିକ ପ୍ରତିବନ୍ଧକ ରହିଛି । ଯାହାକୁ କେବଳ ଚିକିତ୍ସାର ଯତ୍ନରେ ନୁହେଁ, ବରଂ ଶିକ୍ଷା, ସଶକ୍ତୀକରଣ ଓ ସହାନୁଭୂତି ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ରାଜ୍ୟପାଳ କହିଛନ୍ତି ।

## ଦକ୍ଷତା କର୍ମଶାଳା

ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପକଙ୍କ ପାଇଁ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦ ଏବଂ ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ମିଳିତ ସହଯୋଗରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା କର୍ମଶାଳା ଗତକାଲି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ସେମାନଙ୍କ ଦକ୍ଷତା ବିକାଶ, ଗବେଷଣା କ୍ଷେତ୍ରକୁ ପ୍ରୋତ୍ସାହନ ତଥା ଶୈକ୍ଷିକ ସମାଜର ବିକାଶ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି । ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ, ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ କରିବା ସହିତ ଉପାନ୍ତ ଜିଲ୍ଲାଗୁଡ଼ିକରେ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

ଛାତ୍ରଛାତ୍ରୀଙ୍କର ଦକ୍ଷତା ବିକାଶ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସେମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ଲକ୍ଷ୍ୟ ନେଇ ଶକ୍ତିଶ୍ରୀ ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ଶ୍ରୀ ସୂରଜ କହିଛନ୍ତି। ୩୬ଟି ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

## କ୍ୟାମ୍ପକୋର୍ଟ

ନାଗରିକ କୈନ୍ଦ୍ରିକ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତକାଲି ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପକୋର୍ଟ ଆୟୋଜିତ ହୋଇଥିଲା । ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ୟାମ୍ପକୋର୍ଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମ ସହ ଜଡିତ ଅପିଲ ମାମଲା ଗୁଡ଼ିକର ଶୁଣାଣି ହୋଇଛି । ବିଚାରାଧୀନ ଥିବା ୪୦୦ରୁ ଅଧିକ ମାମଲା ମଧ୍ୟରୁ ୧୪୦ଟିର ଶୁଣାଣି ହୋଇଛି । ଆପେଲାଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଆଇନ୍ ଅନୁଯାୟୀ, ଅପିଲ ମାମଲାଗୁଡ଼ିକର ଶୁଣାଣି ଶେଷ କରିବାକୁ ସେହି ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି।

## ଦୁର୍ନୀତି ନିବାରଣ ସପ୍ତାହ

ସମଗ୍ର ରାଜ୍ୟରେ ଗତ ମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆଜି ଉଦ୍‌ଯାପିତ ହେଉଛି। "ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ" ବିଷୟବସ୍ତୁ ଆଧାରରେ ଏହି ସପ୍ତାହ ପାଳନ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତାହ ପାଳନ ଅବସରରେ ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଆଦିରେ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆକାଶବାଣୀକୁ ଅଧିକ ତଥ୍ୟ ଦେଇ କଟକ ଭିଜିଲାନ୍ସ ସେଲ୍‌ର ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ **ଏମ୍‌.ରାଧାକ୍ରିଷ୍ଣନ୍‌** କହିଛନ୍ତି.....

**- V/O –**

**ପଞ୍ଚକ**

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପଞ୍ଚକ ବ୍ରତ ପାଳନ ଆରମ୍ଭ ହୋଇଛି। ଚଳିତ ବର୍ଷ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ୫ ଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ଠାକୁରଙ୍କର ଆଜି ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ହରି ଉତ୍ଥାପନ ଏକାଦଶୀ ଅବସରରେ ଆଜି ଠାକୁରଙ୍କର ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେବ। ୪ ମାସର ଶୟନନୀତି ପରେ ଠାକୁରଙ୍କର ଆଜି ହରି ଉତ୍ଥାପନ ନୀତି ପାରମ୍ପରିକ ବିଧି ଅନୁଯାୟୀ

ପାଳନ କରାଯାଉଛି। ଏ ସମ୍ପର୍କରେ ଅଧିକ ତଥ୍ୟ ନେଇ *ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ* **ସୌମ୍ୟ ପଣ୍ଡା** ଆକାଶବାଣୀକୁ କହିଛନ୍ତି.....

**- V/O -**

ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପଞ୍ଚକ-ନୀଳମାଧବ

**ନୟାଗଡ଼** ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିରରେ ମଧ୍ୟ ଆଜିଠାରୁ ମହାପଞ୍ଚକ ଯାତ୍ରା ଆରମ୍ଭ ହୋଇଛି। ହରି ଉତ୍ଥାପନ ଏକାଦଶୀ ପାଳନ ଅବସରରେ ଠାକୁରଙ୍କର ଆଜି ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ରାତିରେ ଠାକୁରଙ୍କର ନଟବର ବେଶ ଅନୁଷ୍ଠିତ ହେବ। ବେଶ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ଲାଗି ରହିଛି।

**ସୁବର୍ଣ୍ଣପୁର** ଜିଲ୍ଲାରେ ପବିତ୍ର କାର୍ତ୍ତିକାମାସର ଦିବ୍ୟ ପଞ୍ଚୁକ ବ୍ରତ ଆଜିଠାରୁ ଆରମ୍ଭ ହୋଇଛି। ପାତାଳି ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଗ୍ରାମର ଶତାଧିକ ଜଗନ୍ନାଥ ଓ ରାଧାକୃଷ୍ଣ ମନ୍ଦିରରେ ସାମୂହିକ ପଞ୍ଚୁକ ବ୍ରତ ପାଳନ କରାଯାଉଛି। ଉଷାକୋଠିମାନଙ୍କରେ ପାରମ୍ପରିକ କୈଳାଶୀଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାତ୍ରିରେ ଦେଉଳବରା ପର୍ବ ଅନୁଷ୍ଠିତ ହୋଇଯାଇଛି।

## ଷଷ୍ଠ ଅର୍ଥ ଆୟୋଗ

ରାଜ୍ୟ ଷଷ୍ଠ ଅର୍ଥ ଆୟୋଗର ୩ ଜଣିଆ କମିଟି ଝାରସୁଗୁଡ଼ା ଜିଲ୍ଲାର ଅର୍ଥନୈତିକ ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଆୟୋଗର ଅଧ୍ୟକ୍ଷ ଡକ୍ଟର ଅରୁଣ

କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ୩ ଜଣିଆ କମିଟି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜାରି ରହିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ରହିଥିବା ଆହ୍ୱାନଗୁଡ଼ିକର ତ୍ୱରିତ ସମାଧାନ ଦିଗରେ କମିଟି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଭାରତମାଳା ପ୍ରକଳ୍ପ

**ନବରଙ୍ଗପୁର** ଜିଲ୍ଲାରେ ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ରାଜପୁରଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ଲେନ୍‌ବିଶିଷ୍ଟ ସଡକପଥର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଉମରକୋଟ ସହର ନିକଟସ୍ଥ ଅଧିକାରୀଗୁଡ଼ା ଗ୍ରାମଠାରେ ପ୍ରକଳ୍ପ ପକ୍ଷରୁ ଏକ ଆନ୍ତଃବିନିମୟ କାର୍ଯ୍ୟକାରୀ କରାଯାଇଛି । ଏହି ସ୍ଥାନ ନେଇ ରାଜପୁର କିମ୍ବା ବିଶାଖାପାଟଣାକୁ ଯିବା ପାଇଁ ଜାତୀୟ ରାଜପଥକୁ ସଂଯୋଗ କରାଯାଇଛି । ଏଥିପାଇଁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି । ଉମରକୋଟ ପ୍ରଶାସନ ପକ୍ଷରୁ ଗତକାଲି ଅଧିକାରୀଗୁଡ଼ା ଗ୍ରାମର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି ।

## ବସ୍ ଯାଞ୍ଚ

ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ରାତିରେ ଚଳାଚଳ କରୁଥିବା ଦ୍ରୁତଗାମୀ ବସ୍‌ଗୁଡ଼ିକର ଯାଞ୍ଚ କରାଯାଉଛି । ଜିଲ୍ଲାପାଳ ଭି.କିର୍ତ୍ତିଭାସନ ଯାନବାହାନ ଚଳାଚଳ ସମ୍ପର୍କିତ ଆଇନ୍‌ର କଡାକଡି ପାଳନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗଞ୍ଜାମ ଜିଲ୍ଲାରେ ଗତବର୍ଷ ତୁଳନାରେ ଚଳିତବର୍ଷ ସଡକ ଦୁର୍ଘଟଣା ୪୦ ପ୍ରତିଶତ ଅଧିକ

ହୋଇଛି।  ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଗଞ୍ଜାମ ଓ ବ୍ରହ୍ମପୁର ସମେତ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ରାତ୍ରି ସମୟରେ ଚଳାଚଳ କରୁଥିବା ଯାନଗୁଡ଼ିକର ଯାଞ୍ଚ କରୁଛନ୍ତି।

## ସାଇକ୍ଲୋଥୋନ

ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ **ସମ୍ବଲପୁର** ପୁଲିସ୍ ପକ୍ଷରୁ ଏକ ସାଇକ୍ଲୋଥୋନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କୁ ସାଇବର ଅପରାଧ ଏବଂ ଏହାର ମୁକାବିଲା ନେଇ ସଚେତନ କରିବା ଲକ୍ଷ୍ୟରେ କଚେରୀ ଛକ ନିକଟରେ ସାଇକ୍ଲୋଥୋନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲ୍ଲା ପୁଲିସ୍ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ।

କଟକ ସହରରେ ମଧ୍ୟ ଏକ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମ୍ ନିକଟରୁ ବାହାରିଥିବା ସାଇକ୍ଲୋଥୋନ ରାଲିରେ ସମାଜର ବିଭିନ୍ନ ବର୍ଗର ଲୋକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମାଣ୍ଡିଆ ପ୍ରଦର୍ଶନ

**ଭଦ୍ରକ** ଜିଲ୍ଲା କୃଷି ବିଭାଗ ପକ୍ଷରୁ ନଳାଙ୍ଗଠାରେ ମାଣ୍ଡିଆ ପ୍ରସ୍ତୁତ କୃଷି ପ୍ରଦର୍ଶନୀ ଓ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି।  ସାଂସଦ ଅଭିମନ୍ୟୁ

ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉରାରାୟ ମାଣ୍ଡିଆ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ ନେଇ ଜିଲ୍ଲାପାଳ ଡ.ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମିଶନ ଶକ୍ତି କାଫେ ସ୍ଥାପନ ପାଇଁ ଆଲୋଚନା ହୋଇଥିଲା।

## ମଣ୍ଡେଇ ମହୋତ୍ସବ

**ନବରଙ୍ଗପୁର** ଜିଲ୍ଲା ପିଏମ୍‌ଶ୍ରୀ ରାଜା ଚୈତନ୍ୟ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟଠାରେ ୧୨ତମ ଜିଲ୍ଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ଖୋ-ଖୋ ଓ କବାଡୀ ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଛି। ୧୦ଟି ବ୍ଲକ୍‌ର ୫୮୩ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀତାରେ ଭାଗ ନେଇଛନ୍ତି।

## ରଣଜୀ ଟ୍ରଫି

କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଓଡ଼ିଶା ଆନ୍ଧ୍ରପ୍ରଦେଶ ଏଲିଟ୍ ଗ୍ରୁପ୍-ଏ ରଣଜୀ ମ୍ୟାଚ୍ ଜାରି ରହିଛି। ଆନ୍ଧ୍ରପ୍ରଦେଶ ଗତକାଲିର ସ୍କୋର ୩ ୱିକେଟ୍‌ରେ ୨୨୨ ରନ୍‌ରୁ ଆଜିର ବ୍ୟାଟିଂ ଆରମ୍ଭ କରିଥିଲା। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆନ୍ଧ୍ରପ୍ରଦେଶ ୭ ୱିକେଟ୍ ବିନିମୟରେ ୪୭୫ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଶେଖ ରସିଦ୍ ୧୪୦ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି।